# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 26th February – 2026

**********************************

## ମୁଖ୍ୟ ସମ୍ବାଦ

- ପ୍ରଶାସନିକ ସମନ୍ୱୟ ଓ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଦେଶର ବିଭିନ୍ନ ସହରରେ ନିର୍ମାଣ କରାଯିବ ଓଡ଼ିଶା ଭବନ; କହିଲେ ମୁଖ୍ୟମନ୍ତ୍ରୀ ।

- ଲୋକସେବାକୁ ସହଜ ଓ ସୁଲଭ କରିବାପାଇଁ ଭୁବନେଶ୍ୱରରେ ନିର୍ମାଣ ହେବ ଜନ ଆଶ୍ରୟ ଭବନ ।

- କ୍ଷେତ୍ର ପରିଦର୍ଶନପାଇଁ ଝାରସୁଗୁଡ଼ାରେ ପହଞ୍ଚିଲେ ମହାନଦୀ ଜଳବିବାଦ ପ୍ରାଧିକରଣ ସଦସ୍ୟ ।

ଏବଂ

- ଗଜପତି ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଆସନ୍ତା ସୋମବାର ଅନୁଷ୍ଠିତ ହେବ ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ।

# ଓଡ଼ିଶା ଭବନ

ଓଡ଼ିଶାର ପ୍ରଶାସନିକ ସମନ୍ୱୟ ଓ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଦେଶର ବିଭିନ୍ନ ସହରରେ 'ଓଡ଼ିଶା ଭବନ' ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ନୂଆଦିଲ୍ଲୀର ଚାଣକ୍ୟପୁରୀ କୌଟିଲ୍ୟ ମାର୍ଗରେ ନୂତନ 'ଓଡ଼ିଶା ଭବନ'ର ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ନୂତନ ଭବନର ନିର୍ମାଣ ଶୈଳୀରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, କଳା ଓ ସଂସ୍କୃତିର ପ୍ରତିଫଳନ ଦେଖିବାକୁ ମିଳିବ । ୯୩ କୋଟି ୨୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ଭବନରେ ୩ଟି ବେସ୍‌ମେଣ୍ଟ, ଗ୍ରାଉଣ୍ଡ୍ ଫ୍ଲୋର୍ ସହିତ ୭ ମହଲା ରହିବ । ସମସ୍ତ ଅତ୍ୟାଧୁନିକ ସୁବିଧା ସହ ୪୫ଟି କୋଠରି ନିର୍ମାଣ କରାଯିବ । ପ୍ରଥମ ମହଲାରେ ପ୍ରଦର୍ଶନୀ ସ୍ଥାନର ବ୍ୟବସ୍ଥା କରାଯାଇଥିବାବେଳେ ଦ୍ୱିତୀୟ ମହଲାରେ ପ୍ରାୟ ୭୦ ଆସନବିଶିଷ୍ଟ ସମ୍ମିଳନୀ କକ୍ଷ ରହିବ । ଆଗାମୀ ଦିନରେ ଅଯୋଧ୍ୟା, ବେଙ୍ଗାଲୁରୁ ଓ ସୁରତ୍‌ରେ ଓଡ଼ିଶା ଭବନ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Desk***

# ଜନ ଆଶ୍ରୟ ସ୍ଥଳ

ଲୋକସେବାକୁ ଆହୁରି ସହଜ ଓ ସୁଲଭ କରିବାପାଇଁ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍‌ଠାରେ ଜନଆଶ୍ରୟ ଭବନ ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ୫ ଏକର ଜାଗାରେ ଏହି ଭବନର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ। ୩୦ଟି ଜିଲ୍ଲାରୁ ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ଭୁବନେଶ୍ୱର ଆସୁଥିବା ଲୋକମାନେ ସ୍ୱଳ୍ପ ପଇସା ଦେଇ ଏହି ଭବନରେ ରହିପାରିବେ। ସେମାନଙ୍କ ସୁବିଧା ପାଇଁ ଭବନରେ ବସ୍‌ଷ୍ଟାଣ୍ଡ, ଫୁଡ୍‌କୋର୍ଟ ଓ ବିଭିନ୍ନ ସୋ’ ରୁମ୍ ଓ ସୁଗମ ଯାତାୟତ ବ୍ୟବସ୍ଥା ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Voice (CM)*** :.......

***Desk***

# ସୁପ୍ରିମ୍‌କୋର୍ଟ - ଏନ୍.ସି.ଇ.ଆର୍.ଟି.

ଏନ୍.ସି.ଇ.ଆର୍.ଟି.ର ଅଷ୍ଟମ ଶ୍ରେଣୀ ପୁସ୍ତକରେ ନ୍ୟାୟପାଳିକାରେ ଦୁର୍ନୀତି ପ୍ରସଙ୍ଗ ଆଧାରିତ ବିଷୟବସ୍ତୁ ଅନ୍ତର୍ଭୁକ୍ତି ନେଇ ସୁପ୍ରିମକୋର୍ଟ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ପୁସ୍ତକର ଡିଜିଟାଲ ଫର୍ମ, କପି ସବୁକୁ

ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାପରେ କେନ୍ଦ୍ର ଏବଂ ରାଜ୍ୟ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଏନେଇ ପଦକ୍ଷେପ ଗ୍ରହଣ କରିବାକୁ ଖଣ୍ଡପୀଠ କହିଛନ୍ତି । ଏନ୍.ସି.ଇ.ଆର୍.ଟି ନିର୍ଦ୍ଦେଶକ ଏବଂ ସ୍କୁଲ ଶିକ୍ଷା ସଚିବଙ୍କୁ ପାଠ୍ୟପୁସ୍ତକ ସମ୍ପର୍କିତ ପ୍ରସଙ୍ଗ ନେଇ ଖଣ୍ଡପୀଠ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ପରେ ଏନ୍.ସି.ଇ.ଆର୍.ଟି. ପକ୍ଷରୁ ସ୍ୱତନ୍ତ୍ର ପ୍ରେସ୍ ବିଜ୍ଞପ୍ତି ପ୍ରକାଶ ପାଇଛି । ଅଷ୍ଟମ ଶ୍ରେଣୀ ସମାଜିକ ବିଜ୍ଞାନ ପୁସ୍ତକରେ ଥିବା ତ୍ରୁଟି ଉଦ୍ଦେଶ୍ୟମୂଳକ ନୁହେଁ । ଖୁବ୍‌ଶୀଘ୍ର ଅନାବଶ୍ୟକ ବିଷୟବସ୍ତୁକୁ ବାଦ୍ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମାଜିକ ଗଣମାଧ୍ୟମରେ ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇ ଘଟଣାର ସବିଶେଷ  ତଥ୍ୟ ସମ୍ପର୍କରେ ଅବଗତ ହେବାକୁ ଚାହିଁଛନ୍ତି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ସର୍ବୋଚ୍ଚ ନ୍ୟାୟାଳୟଙ୍କ ଉଦ୍‌ବେଗକୁ ସରକାର ଗ୍ରହଣ କରିଛନ୍ତି । ବିଷୟବସ୍ତୁର ପ୍ରତ୍ୟାହାରପାଇଁ ଏନ୍.ସି.ଇ.ଆର୍.ଟି.କୁ ନିର୍ଦ୍ଦେଶ ଦିଆଯାଇଛି । ଏଥିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

***Sambalpur/R***

## ମହାନଦୀ ଜଳବିବାଦ ସଦସ୍ୟ

ମହାନଦୀ ଜଳବିବାଦ ପ୍ରାଧିକରଣର ସଦସ୍ୟ ମହାନଦୀ କ୍ଷେତ୍ର ପରିଦର୍ଶନପାଇଁ ଆଜିଠାରୁ ଓଡ଼ିଶା ଗସ୍ତରେ ଆସି ଝାରସୁଗୁଡ଼ାରେ ପହଞ୍ଚିଛନ୍ତି।

ପ୍ରାଧିକରଣର ଅଧ୍ୟକ୍ଷ ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀଙ୍କ ସହ ଅନ୍ୟ ୨ ଜଣ ସଦସ୍ୟ ଓଡ଼ିଶା ଗସ୍ତରେ ଆସିଛନ୍ତି । ଆସନ୍ତାକାଲି ଏହି ପ୍ରତିନିଧି ଦଳ ହୀରାକୁଦ ଜଳଭଣ୍ଡାର, ବୁର୍ଲା ଓ ଚିପିଲିମା ପାୱାର୍ ହାଉସ୍, ଦେବ୍ରୀଗଡ଼ ବନ୍ୟଜନ୍ତୁ ସଂରକ୍ଷଣ ପରିଦର୍ଶନ କରିବେ । ଆସନ୍ତା ଶନିବାର ଦିନ ଚିଲିକା, ସାତପଡ଼ା ଆଦି ସ୍ଥାନ ଗସ୍ତ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

***Puri/R***

# ରତ୍ନଭଣ୍ଡାର ଗଣତି ମଣତି

ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଆସନ୍ତାମାସ ୨ ତାରିଖରେ ଗଜପତି ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ । ବୈଠକରେ ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତିର ସମୟ ଧାର୍ଯ୍ୟ ଓ ଗୁଣ୍ଡିଚା ମନ୍ଦିର ଖୋଲିବା ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି । ସେବାୟତ ପିଲାଙ୍କପାଇଁ ଆଦର୍ଶ ଗୁରୁକୁଳ ପ୍ରତିଷ୍ଠା, ମହାପ୍ରଭୁଙ୍କ ନୂତନ ରତ୍ନପଲଙ୍କର ବ୍ୟବହାର, ଶ୍ରୀମନ୍ଦିର ଭିତରେ ଉଭୟ ପୋଲିସ୍ ଓ ସେବାୟତମାନଙ୍କ ମୋବାଇଲ୍ ଫୋନ ବ୍ୟବହାର ନିଷେଧ, ନାଟ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଓ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ଉପରେ ଆଲୋଚନା କରାଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

*Desk*

## ଭତ୍ତା ପ୍ରଦାନ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ଆୟୋଜିତ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କାର୍ଯ୍ୟକ୍ରମରେ ଯୋଗଦେଇ ନୂତନ ଭାବେ ଅନୁମୋଦିତ ୪୦୨ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଛନ୍ତି । ମଧୁବାବୁ ପେନ୍‌ସନ୍ ଯୋଜନାରେ ୨୮୨ ଜଣ ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମରେ ୧୨୦ ଜଣ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଅବସରରେ ୮୮୪ ଜଣଙ୍କୁ ନୂଆ ରାସନ କାର୍ଡ଼ ପ୍ରଦାନ କରାଯାଇଛି ।

*IPR*

## ସୂଚନା କମିଶନ

ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆବଶ୍ୟକ ସୂଚନା ପ୍ରଦାନକୁ ସୁନିଶ୍ଚିତ କରିବାପାଇଁ ଓଡ଼ିଶା ସୂଚନା କମିଶନ ଗୁରୁତ୍ୱ ପ୍ରଦାନ କରିଛନ୍ତି । କମିଶନ ଗତ ୧୦ ମାସ ଭିତରେ ୧୨ ହଜାର ୯୨୮ଟି ମାମଲା ଫଏସଲା କରିଛନ୍ତି । ଫଳରେ ବିଚାରାଧୀନ ମାମଲା ସଂଖ୍ୟା ୨୨ ହଜାର ୬୧୧ରୁ ହ୍ରାସପାଇ ୯ ହଜାର ୬୮୩ରେ ପହଞ୍ଚିଛି । ୨୦୨୧ ଏବଂ ୨୦୨୨ ବର୍ଷର ସମସ୍ତ

ବିଚାରାଧୀନ ମାମଲାର ଫଇସଲା ହୋଇଥିବାବେଳେ ୨୦୨୩ ଏବଂ ୨୦୨୪ ବର୍ଷର ଅଳ୍ପ କେତେକ ମାମଲା ବିଚାରାଧୀନ ରହିଛି ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ବିଚାର କରି କମିଶନ ପ୍ରତ୍ୟେକ ପ୍ରାର୍ଥୀଙ୍କ ସାକ୍ଷାତ୍‌କାର ପରୀକ୍ଷାଫଳ ସାର୍ବଜନୀନ କରିବାପାଇଁ ଓଡ଼ିଶା ଲୋକସେବା ଆୟୋଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସଫଳ ଏବଂ ବିଫଳ ପ୍ରାର୍ଥୀମାନଙ୍କୁ ଦକ୍ଷତା ଏବଂ କମ୍ପ୍ୟୁଟର ପରୀକ୍ଷାର ଫଳ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

***IPR***

# ପରିମଳ ବୋର୍ଡ଼ ବୈଠକ

ଓଡ଼ିଶା ଜଳଯୋଗାଣ ଓ ପରିମଳ ବୋର୍ଡ଼ର ୨୮ତମ ବୈଠକ ଭୁବନେଶ୍ୱରସ୍ଥିତ ଉନ୍ନତି ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦୀର୍ଘଦିନରୁ ଅସମ୍ପୂର୍ଣ୍ଣ ଗୁରୁତ୍ୱପୂର୍ଣ୍ଣ ସେବା, ଆର୍ଥିକ ଏବଂ ପ୍ରଶାସନିକ ସଂସ୍କାର ଉପରେ ଆଲୋଚନା କରାଯାଇଥିଲା । ବୋର୍ଡ଼ କ୍ୟାଡର୍ ଅଧୀନରେ କାର୍ଯ୍ୟରତ ଯନ୍ତ୍ରୀଙ୍କ ପଦୋନ୍ନତିରେ ପରିବର୍ତ୍ତନ କରାଯାଇଛି । ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପାହ୍ୟାରେ ଥିବା ଡେପୁଟି ପ୍ରକଳ୍ପ ଇଞ୍ଜିନିୟରମାନଙ୍କୁ ଅତିରକ୍ତ ପ୍ରକଳ୍ପ ଇଞ୍ଜିନିୟର ଭାବେ ପୁନଃ ନାମିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । କ୍ଷେତ୍ର ସ୍ତରରେ କାର୍ଯ୍ୟ କରୁଥିବା ଦୈନିକ

ମଜୁରିଆ–ଡି.ଏଲ୍.ଆର୍.ମାନଙ୍କପାଇଁ ୨୦୦ ଟଙ୍କାର ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ଘୋଷଣା କରାଯାଇଛି । ଏହାବ୍ୟତୀତ ଅବସର ନେଉଥିବା ଡି.ଏଲ୍.ଆର୍.ମାନେ ଗ୍ରାଚୁଇଟି ସୁବିଧା ପାଇବେ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ।

*Nabaragpur/R*

## ଗଣଶିକ୍ଷାମନ୍ତ୍ରୀ - ନବରଙ୍ଗପୁର

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ନବରଙ୍ଗପୁର ଜିଲ୍ଲା ଗସ୍ତକରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ରାଇଘରସ୍ଥିତ ଗାନ୍ଧିନଗରଠାରେ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଓ ପେଣ୍ଡ୍ରାଣୀ ମନ୍ଦିର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏଥିସହ ତେଲ ନଦୀ ଉପରେ ଏକ ସେତୁ ନିର୍ମାଣପାଇଁ ଶିଳାନ୍ୟାସ କରିଥିଲେ ।

*Sonepur/R*

## କେନ୍ଦ୍ର ବଜେଟ୍ - ସମୀକ୍ଷା

ସୁବର୍ଣ୍ଣପୁର ଜିଲ୍ଲା ବିନିକାଠାରେ କେନ୍ଦ୍ର ବଜେଟ୍‌କୁ ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ମନ୍ତ୍ରୀ

ରବିନାରାୟଣ ନାଏକ ସମ୍ମିଳନୀକୁ ସମ୍ବୋଧିତ କରି କେନ୍ଦ୍ର ବଜେଟ୍ର ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ଗ୍ରାମୀଣ ବିକାଶ, ପାନୀୟଜଳ ପ୍ରକଳ୍ପ, କୃଷି, ମହିଳାଙ୍କପାଇଁ ଉଦ୍ଦିଷ୍ଟ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ।

***Jharsuguda/R***

# ନିଯୁକ୍ତିମେଳା

ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାସ୍ତରୀୟ ନିଯୁକ୍ତିମେଳା ଆୟୋଜିତ ହୋଇଯାଇଛି । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମେଳାରେ ଯୋଗଦେଇ କହିଛନ୍ତି, ଜିଲ୍ଲାର ଶିକ୍ଷିତ ଯୁବଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରିବା ଏବଂ ନିଜ ଜିଲ୍ଲାରେ ନିଯୁକ୍ତି ଦେବା ଉଦ୍ଦେଶ୍ୟରେ ଏହି ନିଯୁକ୍ତିମେଳାର ଆୟୋଜନ କରାଯାଇଛି । ଅଗ୍ରାଧିକାର ଭିତ୍ତିରେ ଜିଲ୍ଲାର ଯୋଗ୍ୟ ପ୍ରତିଭାବାନ ପ୍ରାର୍ଥୀଙ୍କୁ କମ୍ପାନୀଗୁଡ଼ିକରେ ଖାଲି ଥିବା ପଦବୀରେ ନିଯୁକ୍ତି ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି । ଅଷ୍ଟମରୁ ସ୍ନାତକ ଏବଂ ଆଇ.ଟି.ଆଇ., ଡିପ୍ଲୋମା ଏବଂ ବି.ଟେକ୍ ପାଠ୍ୟକ୍ରମ ଶେଷ କରିଥିବା ହଜାର ହଜାର ଛାତ୍ରଛାତ୍ରୀ ଏହି ମେଳାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଏବଂ ଜିଲ୍ଲା ବାହାରୁ ୩୬ଟି ଘରୋଇ କମ୍ପାନୀ ମେଳାରେ ଯୋଗଦେଇ ଆଶାୟୀଙ୍କ ସାକ୍ଷାତ୍କାର ନେଇଛନ୍ତି ।

***Deogarh, Kendrapara/R***

# ସୁପୋଷିତ ଓଡ଼ିଶା ମିଶନ

ରାଜ୍ୟରେ ଆସନ୍ତା ୨୦୨୯ ମସିହା ସୁଦ୍ଧା ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରକୁ ଶତ ପ୍ରତିଶତ ସୁପୋଷିତ କରିବାପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲ୍ଲାରେ ସୁପୋଷିତ ଓଡ଼ିଶା ମିଶନ ଲକ୍ଷ୍ୟ କର୍ମଶାଳା ଆୟୋଜିତ ହେଉଛି ।

ଦେବଗଡ଼ ଜିଲ୍ଲା ପ୍ରଶାସନ ଓ ସମାଜ ମଙ୍ଗଳ ବିଭାଗ ପକ୍ଷରୁ ସୁପୋଷିତ ଓଡ଼ିଶା ମିଶନ୍ ଲକ୍ଷ୍ୟ କର୍ମଶାଳା ଆୟୋଜିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ କର୍ମଶାଳାରେ ଯୋଗଦେଇ ଜନ୍ମରୁ ୫ ବର୍ଷ ମଧ୍ୟରେ ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ । କର୍ମଶାଳାରେ ଅଙ୍ଗନୱାଡ଼ି କର୍ମୀ ଓ ସି.ଡି.ପି.ଓ.ମାନଙ୍କୁ ପୋଷଣ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାର୍ ଅନୁଷ୍ଠିତ କର୍ମଶାଳାରେ ଯୋଗଦେଇ ଚଳିତ ବର୍ଷ ଶେଷ ସୁଦ୍ଧା ଶିଶୁଙ୍କ ପୋଷଣ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।

***Deogarh/R***

# ସଡ଼କ ସୁରକ୍ଷା କମିଟି ବୈଠକ

ଦେବଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ

ହୋଇଯାଇଛି । ବୈଠକରେ ଜାତୀୟ ରାଜପଥ ପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ, ହେଲ୍‌ମେଟ୍ ଓ ସିଟ୍‌ବେଲ୍‌ଟ ବ୍ୟବହାର, ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ଆଲୋଚନା ହୋଇଥିଲା ।

*Nayagarh/R*

## ବନାଗ୍ନି - ସଚେତନତା

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ରୋଗୀବାଙ୍କ ଗ୍ରାମରେ ବନାଗ୍ନି ନିରାକରଣ ସଚେତନତା ର୍‍ୟାଲି ଅନୁଷ୍ଠିତ ହୋଇଯାଇଛି । ବନବିଭାଗର ଅଧିକାରୀମାନେ’ ଜଙ୍ଗଲରେ ନିଆଁ ନ ଲଗାଇବାପାଇଁ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଇଥିଲେ ।

******